# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**14 September – 2025**

**News Editor : Itishree Singh Rathaur**

*********************************

## <u>ମୁଖ୍ୟ ସମ୍ବାଦ</u>

- ଜିଏସ୍‌ଟି ହ୍ରାସ ପରେ ବିଭିନ୍ନ ସାମଗ୍ରୀର ସଂଶୋଧିତ ମୂଲ୍ୟ ଉଲ୍ଲେଖ କରିବାକୁ କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଜାରି
- ହିନ୍ଦୀ ଦିବସ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ
- ଶାରଦୀୟ ଦୁର୍ଗାପୂଜା ପାଇଁ ଆଜିଠାରୁ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଷୋଡଶ ଦିନାତ୍ମକ ପୂଜା ଉପଚାର ଆରମ୍ଭ

ଏବଂ

- ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

— ବାତ୍ୟା ହେବାର ସମ୍ଭାବନା ନଥିବା ପାଣିପାଗ ମହାନିର୍ଦ୍ଦେଶକଙ୍କ ସୂଚନା

## ଜିଏସ୍‌ଟି

ଜିଏସ୍‌ଟି ହ୍ରାସ ପରେ ବିଭିନ୍ନ ସାମଗ୍ରୀ ଉପରେ ସଂଶୋଧିତ ମୂଲ୍ୟ ଉଲ୍ଲେଖ କରିବା ବାଧ୍ୟତାମୂଳକ ବୋଲି କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇ କହିଛନ୍ତି, ସମସ୍ତ ଉତ୍ପାଦକ, ପ୍ୟାକର ଓ ଆମଦାନୀକାରୀଙ୍କୁ କେନ୍ଦ୍ରର ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ପଡିବ । ଜିଏସ୍‌ଟି ସଂଶୋଧନ ହେବା ପୂର୍ବରୁ ସାମଗ୍ରୀରେ ନୂଆ ଦର ଉଲ୍ଲେଖ ଜରୁରୀ ବୋଲି ଶ୍ରୀ ପାତ୍ର କହିଛନ୍ତି । ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ସଂଶୋଧିତ ଜିଏସ୍‌ଟି ଦର ଲାଗୁ କରାଯିବ । ତେବେ ପୁରୁଣା ମୂଲ୍ୟ ସହ ନୂଆ ମୂଲ୍ୟ ଉଲ୍ଲେଖ କରିବାକୁ ମନ୍ତ୍ରୀ କହିଛନ୍ତି...

**- V/O –**

## ହିନ୍ଦୀ ଦିବସ

ସାରା ଦେଶରେ ଆଜି ହିନ୍ଦୀ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ସରକାରୀ ଭାଷା ଭାବରେ ଗ୍ରହଣ କରିଥିଲା । ଆଜିର ସମୟରେ ବିଶ୍ୱର ବହୁଳ ଭାବରେ କଥିତ ଭାଷା ମଧ୍ୟରୁ ହିନ୍ଦୀ ଗୋଟିଏ ଲୋକପ୍ରିୟ ଭାଷା ପାଲଟିଛି ଏବଂ ୫୨କୋଟିରୁ ଅଧିକ ଲୋକଙ୍କ ଏହା ପ୍ରଥମ ଭାଷା ରୂପେ ବ୍ୟବହାର କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହିନ୍ଦୀ ଦିବସ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ହିନ୍ଦୀ ଭାଷା କେବଳ ଏକ ଭାବ ଆଦାନ ପ୍ରଦାନର ମାଧ୍ୟମ ନୁହେଁ ବରଂ ଭାରତୀୟ ସମୃଦ୍ଧ ଐତିହ୍ୟର ପରିଚୟ ଓ ମୂଲ୍ୟବୋଧକୁ ବହନ କରେ । ହିନ୍ଦୀ ଭାଷା ଆମ ପାଇଁ ଖୁବ୍ ଗର୍ବ ଏବଂ ଗୌରବର ବିଷୟ, ଯାହାକି ଆମକୁ ଦେଶ ଗଠନରେ ଅନୁପ୍ରେରିତ କରିଥାଏ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ହିନ୍ଦୀ ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ଶାହା କହିଛନ୍ତି ଦେଶର ଭାଷା ଓ ଉପଭାଷାର ବିକାଶ ନିମନ୍ତେ ହିନ୍ଦୀ ଭାଷା ଏକ ସଂଯୋଗର ସେତୁ ଭାବରେ କାର୍ଯ୍ୟ କରୁଛି ।

## ସେବା ପକ୍ଷ

**ସମ୍ବଲପୁର** ଜିଲ୍ଲା କ୍ଷେତରାଜପୁର ରେଳଷ୍ଟେସନଠାରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ପରିବେଶକୁ ସ୍ୱଚ୍ଛ ରଖିଲେ ସମାଜରେ ସମସ୍ତେ ସୁସ୍ଥ ରହିପାରିବ । ଗତବର୍ଷ ଅପେକ୍ଷା ସମ୍ବଲପୁର ସହର ସ୍ୱଚ୍ଛ ସର୍ବେକ୍ଷଣରେ ୧୦୦ ପଏଣ୍ଟ ଉପରକୁ ଉଠିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇଥିଲେ । ଡିଆରଏମ୍ ଅଫିସ୍ଠାରୁ କ୍ଷେତରାଜପୁର ଛକଯାଏଁ ଏକ ସଫେଇ ଅଭିଯାନ ଚାଲିଥିଲା । ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

# ଆସ ସ୍କୁଲ ଯିବା

ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁଣିଥରେ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ **ସମ୍ବଲପୁର** ସହରରେ ଗତକାଲି 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ  ଧର୍ମେନ୍ଦ୍ର ପ୍ରଧାନ ଓ ରାଜ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନୂତନ ଶିକ୍ଷାନୀତି ଅନୁସାରେ, ଯେପରି କୌଣସି ପିଲା ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ  ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୂଚନା ଅନୁସାରେ, ରାଜ୍ୟରେ ସ୍କୁଲ ଯାଉଥିବା ପିଲାମାନଙ୍କ ସଂଖ୍ୟା ସମ୍ବଲପୁରରେ ଅଧିକ। ସମ୍ବଲପୁରରେ ୩ ହଜାର ୧୦୦ ପିଲା ଅଧାରୁ ପାଠ ଛାଡୁଥିବା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂଚନା ଆଧାରରେ ଆମ ସମ୍ବାଦାତା ଜଣାଇଛନ୍ତି। ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୬ହଜାର ପିଲା ଥିବା ଜଣାପଡିଛି। ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ଶିକ୍ଷକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଦୁର୍ଗାପୂଜା

ଶାରଦୀୟ ଦୁର୍ଗାପୂଜା ପାଇଁ ଆଜିଠାରୁ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଷୋଡଶ ଦିନାତ୍ମକ ପୂଜା ଉପଚାର ଆରମ୍ଭ ହୋଇଛି। ପୁରୀର ଅଧିଷ୍ଠିତ ଅଷ୍ଟଚଣ୍ଡୀଙ୍କଠାରୁ ଯାଜପୁରର ବିରଜା, କଟକର କଟକଚଣ୍ଡୀ ଓ ଗଡଚଣ୍ଡୀ, କାକଟପୁର ମଙ୍ଗଳା ଓ ଜଗତସିଂହପୁରରେ ବିରାଜିତ ମା' ଶାରଳାଙ୍କ ପୀଠରେ ଘଟ ସ୍ଥାପନା ସହ ସ୍ୱତନ୍ତ୍ର ପୂଜା ନୀତି ଆରମ୍ଭ ହୋଇଛି।

## ପୁରୀ - ଷୋଳପୂଜା

ଶ୍ରୀକ୍ଷେତ୍ର ପୁରୀରେ ଆଜିଠାରୁ ଶାରଦୀୟ ପାର୍ବଣର ଷୋଳ ପୂଜା ଆରମ୍ଭ ହୋଇଛି । ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଷୋଡ଼ଶ ଦିବସବ୍ୟାପୀ ପୁରୀର ସମସ୍ତ ଶକ୍ତିପୀଠରେ ଷୋଳ ପୂଜା ବିଧି ଅନୁଯାୟୀ ଚଣ୍ଡୀପାଠ ଓ ମା’ ଦୁର୍ଗାଙ୍କ ଆରାଧନା ଚାଲିବ । ପୁରୀ ଶ୍ରୀମନ୍ଦିରରେ ମା’ ବିମଳାଙ୍କ ପୀଠରେ ପୂଜାବିଧି ଆରମ୍ଭ ହେବା ସହିତ ମନ୍ଦିର ପରିସରରେ ଥିବା ମା’ ଭୁବନେଶ୍ୱରୀ, ମା’ ବାଟମଙ୍ଗଳା, ମା’ ଉତ୍ତରାୟଣୀ, ମା’ ଦକ୍ଷିଣକାଳୀ, ମା’ ଆଲାମଚଣ୍ଡୀ ଏବଂ ମା’ ପଞ୍ଚମୁଖୀଙ୍କ ପୀଠାରେ ଷୋଳ ପୂଜା ହେବ । ଶ୍ରୀମନ୍ଦିରରେ ଆଜି ମୂଳାଷ୍ଟମୀ ସହିତ ସହସ୍ର କୁମ୍ଭାଭିଷେକ ନୀତି ସହିତ ଦୁର୍ଗାମାଧବ ଉପାସନା ନୀତି ପାଳନ କରାଯିବ ।

# ଜିଏସ୍‌ଟି ରିଫର୍ମସ ହେଲ୍‌ଥ କେୟାର

ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଓ ସେବାକର ହ୍ରାସ କରାଯାଇ ନିମ୍ନ ଏବଂ ମଧ୍ୟମିତ୍ତ ପରିବାର ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ନେଇ ପଦକ୍ଷେପ ନିଆଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରରେ ଜିଏସ୍‌ଟି ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ଦ୍ରବ୍ୟ ଓ ସେବାକରରେ ହ୍ରାସ କରାଯାଇଛି । ପୂର୍ବରୁ ସ୍ୱାସ୍ଥ୍ୟ ଏବଂ ଜୀବନବୀମା ପ୍ରିମିୟମ ପ୍ରଦାନ କ୍ଷେତ୍ରରେ ଜିଏସ୍‌ଟି ହାର ୧୮ ପ୍ରତିଶତ ଥିବାବେଳେ ଏବେ ଏହାକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଛି । ସେହିପରି ୩୬ଟି ଜୀବନ ରକ୍ଷାକାରୀ ଔଷଧଗୁଡ଼ିକ ଉପରେ କରମୁକ୍ତ କରାଯାଇଛି । ଫଳରେ କର୍କଟ ଚିକିତ୍ସା ଏବଂ ଦୀର୍ଘଦିନ ଧରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ଚିକିତ୍ସା କ୍ଷେତ୍ରରେ

ସହାୟକ ହୋଇପାରିବ । ଏଥିସହିତ ବିଭିନ୍ନ ଔଷଧ ଏବଂ ଗଜ୍, ବ୍ୟାଣ୍ଡେଜ୍, ରୋଗ ନିର୍ଦ୍ଧାରଣ କିଟ୍, ଗ୍ଲୁକୋମିଟର୍ସ, ଥର୍ମୋମିଟର ଭଳି ଚିକିତ୍ସା ଉପକରଣ ଉପରେ କର ପରିମାଣ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ସଂଶୋଧିତ ଜିଏସଟିରେ ଖାଉଟୀ ଓ ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ କଟକ ଚାମ୍ବର ଅଫଡ଼ କମର୍ସର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର ପ୍ରଶଂସା କରିବା ସହ ଆକାଶବାଣୀକୁ ପ୍ରତିକ୍ରିୟାରେ କହନ୍ତି...

# - V/O –

## ନୂଆପଡ଼ା ନିର୍ବାଚନ

**ନୂଆପଡ଼ା** ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା (୨୧) ଅନୁଯାୟୀ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମତଦାନ କେନ୍ଦ୍ରର ପୁନଃ ବ୍ୟବସ୍ଥାପନ ଆଜି ସୁଦ୍ଧା ଶେଷ କରିବା ପାଇଁ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସୋମବାରରୁ ୨୯ ତାରିଖ ମଧ୍ୟରେ ବିଭିନ୍ନ ଦାବି ଓ ଆପତ୍ତି ଅଭିଯୋଗର ଦାଖଲ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଅକ୍ଟୋବର ୭ ତାରିଖ ସୁଦ୍ଧା ଏ ସବୁର ସମାଧାନ କରାଯାଇ ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

## ମା’ ପାଇଁ ଗଛଟିଏ

**ଭଦ୍ରକ** ଜିଲ୍ଲା କୁଆଁସ କଦମ୍ବବେଡାଠାରେ ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପୂଜାକମିଟି ପକ୍ଷରୁ 'ମା' ପାଇଁ ଗଛଟିଏ' ଲଗାଇବା ସଚେତନତା ଅଭିଯାନ ନେଇ ଏକ ଦାସକାଠିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଅଧ୍ୟକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେଇ ସବୁ ବର୍ଗର ଲୋକମାନେ ଚାରାଟିଏ ଲଗାଇବା ସହ ପରିବେଶକୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ରଖିବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

## ତ୍ରୟବାର୍ଷିକ ସମ୍ମିଳନୀ

**ନବରଙ୍ଗପୁର** ଜିଲ୍ଲାରେ ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ଓଡ଼ିଶା ଅମଲା ସଂଘର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ବିଭିନ୍ନ ଦାବି ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

## ସୁସ୍ଥ ନାରୀ ସଶକ୍ତ ପରିବାର

**ଯାଜପୁର** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ଗାନ୍ଧି  ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମହିଳାମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଅଣସଂକ୍ରାମକ ରୋଗର ଚିହ୍ନଟ, ସିକିଲ ସେଲ ଓ ଥାଲାସେମିଆ ରୋଗର

ପରୀକ୍ଷା, ଟିକାକରଣ ଏବଂ ଗର୍ଭବତୀ ମାଆ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବ୍ୟାଡମିଣ୍ଟନ

ଓଡ଼ିଶା ବ୍ୟାଡମିଣ୍ଟନ ସଂଘ-ଓଏସ୍‌ବିଏ ଆନୁକୂଲ୍ୟରେ ରାଉରକେଲା ପାନପୋଷସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୁନିୟର ର୍‌ୟାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ରାଉରକେଲା ବ୍ୟାଡମିଣ୍ଟନ୍ ସଂଘ ସହଯୋଗରେ ଆୟୋଜିତ ଏହି ୩ ଦିନିଆ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବର୍ଗରେ ପ୍ରାୟ ୮୦ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ। ମୟଙ୍କ ଭରଦ୍ୱାଜ ବାଳକ ବର୍ଗର ଏକକ ବିଭାଗରେ, ଗୀତାଶ୍ରୀ ଦେ ବାଳିକା ବିଭାଗରେ ବିଜୟୀ ହୋଇଛନ୍ତି। ସେହିପରି ମିକ୍ସଡ୍ ଡବଲ୍ସ ବିଭାଗରେ ଆୟୁଷ ତ୍ରିପାଠୀ ଏବଂ ଅଶ୍ୱିକା ମିଶ୍ର ବିଜୟୀ ହୋଇଛନ୍ତି।

## ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜି ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ଲାଗିରହିବ । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ ଆସନ୍ତାକାଲିଠାରୁ ମୌସୁମୀ ଉତ୍ତର-ପଶ୍ଚିମ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିବାର ଅନୁମାନ କରାଯାଉଛି । ରାଜ୍ୟରେ ବର୍ଷା ସ୍ଥିତିକୁ ନେଇ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆସନ୍ତା ୨୦ ତାରିଖ ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସ୍ଥିତିରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ନାହିଁ। କ୍ରମଶଃ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବ। ବାତ୍ୟା କିମ୍ବା ଅବପାତ ସୃଷ୍ଟି ନେଇ କୌଣସି ସ୍ପଷ୍ଟ ସୂଚନା ନ ଥିବା ଶ୍ରୀ ମହାପାତ୍ର କହିଛନ୍ତି। ରାଜ୍ୟରୁ ବର୍ତ୍ତମାନ ମୌସୁମୀ ଅପସାରଣ ହେବନାହିଁ। ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ସମ୍ପର୍କରେ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯିବ।